**କଥା-୨**

୨୮ ଡିସେମ୍ବର ୨୦୨୫

# ଆମ ବିଲ ପାଣି ରାଧାନାଥଙ୍କ ବିଲରେ

୧୯୮୯ ମସିହାର କଥା । ମୁଁ ରାଧାନାଥ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ (ରାଧାନାଥ ଟ୍ରେନିଂ କଲେଜ), କଟକରେ ବି.ଏଡ୍. ପାଠ ପଢ଼ିବା ପାଇଁ ନୂଆନୂଆ ଯୋଗ ଦେଇଥାଏ । ସେହି ଅନୁଷ୍ଠାନଟି ଯେ ମୋ ମାଟିର, ମୋ ଭାଷାର ଗର୍ବଗୌରବ କବିବର ରାଧାନାଥ ରାୟଙ୍କ ନାମରେ ନାମିତ ହୋଇଛି, ଏକଥା ମୁଁ ପ୍ରଥମରୁ ହିଁ ଜାଣିଥିଲି । ସେକଥା ମୁଁ ମୋର ଅନେକ ସହପାଠୀମାନଙ୍କୁ ମଧ୍ୟ ସୂଚେଇଥିଲି । ମୁଁ ଏକଥା କହି ଗର୍ବ କରୁଥିଲି ଯେ ସେ ଅନୁଷ୍ଠାନଟି ମୋର ।

ହଠାତ୍ ଦିନେ ଅପରାହ୍ନରେ ଅଧ୍ୟାପକ ରବିନ ଘୋଷ ମୋତେ ଡକାଇ ପଠାଇଲେ । ସେଠାକୁ ଯିବା ବେଶି ଦିନ ହୋଇନଥିଲେ ବି ରବିନ ଘୋଷଙ୍କ ସହିତ ମୋର ବେଶ ଆତ୍ମୀୟତା ତିଆରି ହୋଇସାରିଥିଲା । ମୁଁ ତତ୍କ୍ଷଣାତ୍ ଯାଇ ତାଙ୍କୁ ଦେଖା କଲି । ସେ ମୋତେ ପାଇବା କ୍ଷଣି କଥା ଆରମ୍ଭ କଲେ ।

- ତମ ଘର କେଉଁଠି ?
- ବାଲେଶ୍ୱର
- ବାଲେଶ୍ୱରରେ କେଉଁଠି ?
- ସୋର
- ରାଧାନାଥ ରାୟଙ୍କୁ ଜାଣିଛ ?
- ସାର୍
- ତାଙ୍କୁ କେମିତି ଜାଣିଲ ?

ଅନୁଷ୍ଠାନରେ ପାଠ ପଢ଼ିବାର ସେହି କେତେଦିନ ଭିତରେ ରବିନ ଘୋଷଙ୍କୁ ଜଣେ ହାସ୍ୟରସିକ ଓ କୌତୁକିଆ ମଣିଷ ବୋଲି ଆମେ ସମସ୍ତେ ଜାଣିସାରିଥିଲୁ । ତେଣୁ ମଉକା ମିଳିଲେ ମୁଁ ବି ତାଙ୍କୁ ଛାଡୁନଥାଏ । ସେ ସେଥିରେ ଭାରି ଖୁସି ହୁଅନ୍ତି । ତେଣୁ ମୁଁ ଟିକିଏ ବାହାଦୂରୀ ଦେଖାଇବାକୁ ଯାଇ କହିଲି

- ସାର୍, ଆମ ବିଲପାଣି ତାଙ୍କ ବିଲକୁ ଯାଏ ପରା !
- ସତେ ! କାଲି କେତେ ତାରିଖ ?
- ୨୮
- କାହିଁକି ପଚାରିଲି ଜାଣ ?

- ରାଧାନାଥଙ୍କ ଜନ୍ମଦିନ

- କାଲି ଜୟନ୍ତୀ ଉତ୍ସବର ପ୍ରାରମ୍ଭିକ ଅଭିଭାଷଣ ଦାୟିତ୍ୱ ତମର

ମୁଁ ଚମକିପଡ଼ି ଜବାବ ଦେଲି- ସାର୍, ମୁଁ କେବେ ଓଡ଼ିଆ ସାହିତ୍ୟର ଛାତ୍ର ନ ଥିଲି ।

ସେ ପାଲଟା ଜବାବ ଦେଲେ- ଓଡ଼ିଆ ସାହିତ୍ୟର ଛାତ୍ର ହେବା କିଛି ଦରକାର ନାହିଁ, ତମ ବିଲପାଣି ତାଙ୍କ ବିଲକୁ ଯାଏ ପରା ?

ମୁଁ ପୁଣି କହିଲି– ସାର୍, ମୁଁ ରାଧାନାଥ ସାହିତ୍ୟ ସେତେ କିଛି ପଢ଼ିନାହିଁ ।

ସେ ଖୁବ୍ ଜୋରରେ ହସିଉଠି ପୁଣି ଉଚ୍ଚା ସ୍ୱରରେ ଜବାବ ଦେଲେ- ତାହା ବି ଦରକାର ନାହିଁ, କାରଣ ତମ ବିଲପାଣି ତାଙ୍କ ବିଲକୁ ଯାଏ ?

ମୋ ପାଖରେ ଆଉ ଉତ୍ତର ନଥିଲା । ରବିନ ଘୋଷ ମୋତେ ପାଠାଗାରରୁ କିଛି ବହି ଦେବାକୁ ଗ୍ରନ୍ଥାଗାରୀଙ୍କୁ ଚିଠିଟିଏ ଲେଖି ଚାଲିଗଲେ ଓ ମୁଁ ପାଠାଗାର ଅଭିମୁଖେ ଧାଇଁଲି ।

ପାଠାଗାରରୁ ବହି ଧରି ଫେରିବା ବାଟରେ ମୁଁ ଗୋଟିଏ କଥା ଭାବିଚାଲିଥିଲି ଯେ ପରଦିନର ଭାଷଣ ମୋ ପାଇଁ ପ୍ରାରମ୍ଭିକ ଭାଷଣ ନୁହେଁ, ତାହା ମୋ ପାଇଁ ସ୍ୱାଭିମାନର ଭାଷଣ । ରାଧାନାଥ ମାଟିର ସନ୍ତାନ ହୋଇ ମୁଁ ଯଦି ରାଧାନାଥଙ୍କୁ ଠିକ୍ ଭାବେ ଶ୍ରୋତାମାନଙ୍କ ଆଗରେ ଉପସ୍ଥାପିତ କରି ନ ପାରିବି, ତେବେ ତାହାଠାରୁ ବଡ଼ ଦୁଃଖର କଥା ଆଉ କିଛି ହେବନାହିଁ ।

ତହୁଁ ଆଉ ସବୁକଥା ଛାଡ଼ି ସେଦିନ ଆମ ମହାବିଦ୍ୟାଳୟ ଲାଇବ୍ରେରି, ସନ୍ଧ୍ୟାରେ ଶହୀଦ ଭବନ ପାଠାଗାର, ପୁଣି ସେଠୁ ପଢ଼ିହାରି ପାଠାଗାର । ରାତିରେ ସଂଗୃହୀତ ବହି । ପରଦିନ ସକାଳକୁ ମୋତେ ଲାଗୁଥାଏ ଯେମିତି ମୁଁ କିଛି ଜାଣିନି । ଆଠଟାରୁ ପୁଣି ଧାଇଁଲି ପଢ଼ିହାରି ପାଠାଗାର । ପୁଣ୍ୟମାଟିର ସନ୍ତାନ ହେବା ଗର୍ବର କଥା ସିନା, ଏବେ ବୁଝାପଡୁଥିଲା ପୁଣ୍ୟମାଟି ପ୍ରତି ମୋର କର୍ତ୍ତବ୍ୟ କଣ ।

୧୧ଟା ବେଳକୁ ସଭା ଆରମ୍ଭ ହେଲା । ଅଧ୍ୟକ୍ଷ ପ୍ରଫେସର କାଳିକୁମାର ଦାସଙ୍କ ଆଦେଶକ୍ରମେ ମୁଁ ମୋର ବକ୍ତବ୍ୟ ଆରମ୍ଭ କଲି । ଓଡ଼ିଆ ଭାଷା, ସାହିତ୍ୟ ଓ କବିବର । ପ୍ରାୟ ୮-୧୦ ମିନିଟ ପରେ ବକ୍ତବ୍ୟ ସଂକ୍ଷିପ୍ତ କରିବାକୁ ସୂଚନା ଦେଲେ ସଭାପତି ।

ସଭା ସରିବା ପରେ ପ୍ରଫେସର ଦାସ ମୋ ପିଠି ଥାପୁଡ଼େଇ କହିଲେ- ଜାଣିଛ ସାମନ୍ତରାୟ ବାବୁ, ଇଏ ରାଧାନାଥ-ଫକୀରମୋହନ ମାଟିର ପିଲା । ତହୁଁ ସାମନ୍ତରାୟ ବାବୁ ପ୍ରତିବାଦ କଲେ- ନାଇଁ ସାର୍, ସେ ମୋ ହଷ୍ଟେଲ ପିଲା । ମୁଁ ବୁଝିଲି ମୁଁ ନିଶ୍ଚୟ ରାଧାନାଥଙ୍କୁ ଠିକ୍ ଭାବେ ଉପସ୍ଥାପନ କରିପାରିଛି ।

ମୁଁ ପ୍ରଥମେ ଧନ୍ୟବାଦ ଦେଲି ରାଧାନାଥ ପାଠାଗାରର ସଭାକୁ ଯେତେସବୁ ବକ୍ତା ଆସିଥାନ୍ତି, ସେହିମାନଙ୍କୁ । ଦ୍ୱିତୀୟରେ ଧନ୍ୟବାଦ ଦେଲି ସବୁ ଗବେଷକମାନଙ୍କୁ, ଯେଉଁମାନେ ଅକ୍ଳାନ୍ତ ପରିଶ୍ରମ କରି ଗବେଷଣା କରିଛନ୍ତି ଏବଂ ସେଇ ବହି ସବୁ ଲେଖିଛନ୍ତି, କୌଣସି ଅର୍ଥପ୍ରାପ୍ତିର ଆଶା ନ ରଖି । ଶେଷ ଧନ୍ୟବାଦ ରବିନ ଘୋଷଙ୍କୁ ଯିଏ ମୋତେ ବାଧ୍ୟ କରି ରାଧାନାଥଙ୍କୁ ପାଖରୁ ଦେଖିବାର ସୁଯୋଗ ତିଆରି କଲେ ।

ଏବେ ଆଉ ଡର ନାହିଁ । ବରଂ ଗର୍ବରେ କହୁଛି ସବୁଠି- ଆମ ବିଲପାଣି କବିବରଙ୍କ ବିଲକୁ ଯାଏ ।

*କଥା ଓ ଆଲେଖ୍ୟ* - ଅନିରୁଦ୍ଧ ରାଉତ